# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 February – 2026

******************************

## ମୁଖ୍ୟ ସମ୍ବାଦ

- ଭାରତର ପ୍ରାଚୀନ ଗ୍ରନ୍ଥ, ପାଣ୍ଡୁଲିପି ଏବଂ ତଥ୍ୟ ସଂରକ୍ଷଣ ପଦକ୍ଷେପକୁ ଅନ୍ତର୍ଜାତୀୟ ସ୍ତରରେ ମିଳିଛି ମାନ୍ୟତା; କହିଲେ ପ୍ରଧାନମନ୍ତ୍ରୀ

— ଆକାଶବାଣୀର ୧୩୧ତମ ମନ୍ କୀ ବାତ୍ ସଂସ୍କରଣରେ ଓଡ଼ିଶାର ଚାଷୀ ହିରୋଦ ପଟେଲଙ୍କୁ କଲେ ପ୍ରଂଶସା

- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆବେଦନ ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି

- ଯୁବବର୍ଗଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ସମାଜ ସେବା ଭାବନା ସୃଷ୍ଟି ସହିତ ସ୍କାଉଟିଂ ଆଦର୍ଶ ଆପଣେଇବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ସ୍କାଉଟ ଦିବସ

ଏବଂ

- ଆସନ୍ତା ସପ୍ତାହରେ ତାପମାତ୍ରା ଦୁଇରୁ ତିନି ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗର ସୂଚନା

## ମନ୍ କୀ ବାତ୍

ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଭବିଷ୍ୟତରେ ଏ.ଆଇ'ର ବ୍ୟବହାର ନେଇ ମାର୍ଗ ସ୍ଥିର କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କ ସହ ଭାବବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବହୁ ରାଷ୍ଟ୍ରର ନେତା, ଶିଳ୍ପୋଦ୍ୟୋଗୀ, ନବସୃଜନକାରୀ ଏବଂ ଷ୍ଟାର୍ଟ-ଅପ୍ କ୍ଷେତ୍ର ସହିତ ଜଡ଼ିତ ବ୍ୟକ୍ତିବିଶେଷ ଏହି ସମ୍ମିଳନୀରେ ଏକତ୍ରୀତ ହୋଇଥିଲେ। କୃତ୍ରିମ ବୁଦ୍ଧିମତା ସାହାଯ୍ୟରେ ଭାରତ ପ୍ରାଚୀନ ଗ୍ରନ୍ଥ, ପାଣ୍ଡୁଲିପି ଏବଂ ତଥ୍ୟ ସଂରକ୍ଷଣରେ ଗ୍ରହଣ କରିଥିବା ପଦକ୍ଷେପକୁ ବିଭିନ୍ନ ରାଷ୍ଟ୍ର ସ୍ୱାଗତ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି.....

**- V/O -**

ଏ.ଆଇ. ପ୍ରଦର୍ଶନୀରେ ଅମୁଲର ପ୍ରଦର୍ଶନୀ ମଣ୍ଡପ ଏବଂ ସୁଶ୍ରୁତ ସଂହିତା ସମ୍ପର୍କିତ ବିବରଣୀ ଉପସ୍ଥାପନା ବିଶ୍ୱ ନେତୃବୃନ୍ଦଙ୍କୁ ପ୍ରଭାବିତ କରିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତର କ୍ଷମତାକୁ ସମ୍ପୂର୍ଣ୍ଣ ବିଶ୍ୱ ଜାଣିବାକୁ ପାଇଛି। ସମ୍ମିଳନୀ ଅବସରରେ ଭାରତ ଆରମ୍ଭ କରିଥିବା ତିନୋଟି ମେକ୍ ଇନ୍ ଇଣ୍ଡିଆ ଏ.ଆଇ. ମଡେଲ ସମ୍ପର୍କରେ ସମଗ୍ର ବିଶ୍ୱ ଅବଗତ ହୋଇଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଚାଷୀ ଏବେ ଉତ୍ପାଦନ ସହିତ ଗୁଣବତ୍ତା, ମୂଲ୍ୟ ଶୃଙ୍ଖଳ ଏବଂ ନୂତନ ବଜାର ଉପରେ ଧ୍ୟାନ ଦେଉଛନ୍ତି। ଓଡ଼ିଶାର ହିରୋଦ ପଟେଲଙ୍କ ଚାଷ କାର୍ଯ୍ୟ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଜମିର ଉଚିତ ବ୍ୟବହାର, ଜଳସଞ୍ଚୟ ଏବଂ ଅତିରିକ୍ତ ଆୟ ସମ୍ଭାବନାକୁ ଶ୍ରୀ ପଟେଲ ସାକାର କରିପାରିଛନ୍ତି। ତାଙ୍କ ଫାର୍ମର ପୋଖରୀ ଉପରେ ଏକ ଦୃଢ଼ ଜାଲି ଗଠନ କରି ସେଥିରେ ଲତା, ପନିପରିବା ଚାଷ କରିଛନ୍ତି। ପୋଖରୀର ଚାରି ପାଖରେ କଦଳୀ, ଗୁଆ ଏବଂ ନଡ଼ିଆଗଛ ଲଗାଇବା ସହ ପୋଖରୀରେ ମାଛ ଚାଷ କରୁଛନ୍ତି। ଦୂରଦୂରାନ୍ତରୁ ଚାଷୀମାନେ ତାଙ୍କର ଏହି ପ୍ରୟାସକୁ ଗ୍ରହଣ କରିବା ପାଇଁ ଫାର୍ମ ହାଉସ୍ ବୁଲି ଦେଖୁଛନ୍ତି।

## - V/O -

ଏହି ଅବସରରେ ଶ୍ରୀ ମୋଦୀ କେରଳ ତଥା ଦେଶର ଅନ୍ୟାନ୍ୟ କେତେକ ପ୍ରାନ୍ତରେ କୃଷି ଉତ୍ପାଦ ଉପରେ ଆଲୋକପାତ କରିଛନ୍ତି। ଏହି ଉତ୍ପାଦ ଏବେ ଆକାଶପଥରେ ସହଜରେ ବିଦେଶରେ ପହଁଞ୍ଚିପାରୁଛି। ଶ୍ରୀ ମୋଦୀ’ କୃଷି ଉତ୍ପାଦ ଗୁଡ଼ିକର ସ୍ୱାଦ, ଗୁଣବତ୍ତା ଏବଂ ଜି.ଆଇ. ଟ୍ୟାଗ୍ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଡିଜିଟାଲ ଠକେଇ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। କେ.ୱାଇ.ସି. କିମ୍ବା ପୁନଃ

କେ.ଓ୍ୱାଇ.ସି. କେବଳ ବ୍ୟାଙ୍କ ଶାଖା, ସରକାରୀ ଆପ୍ ଏବଂ ନିର୍ଦ୍ଧାରିତ ମାଧ୍ୟମରେ ବ୍ୟବହାର କରାଯିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓ.ଟି.ପି. ଆଧାର ନମ୍ବର କିମ୍ବା ବ୍ୟାଙ୍କ ଆକାଉଣ୍ଟ ସୂଚନା ଅନ୍ୟ କାହାକୁ ପ୍ରଦାନ ନକରିବାକୁ ପରାମର୍ଶ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ସମ୍ପ୍ରତି ଏକ ଆର୍ଥିକ ସାକ୍ଷରତା ସପ୍ତାହ ପାଳନ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ଏଭଳି ଅଭିଯାନ ବର୍ଷ ବ୍ୟାପୀ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି। ଅଙ୍ଗଦାନ ସମ୍ପର୍କରେ ଆଲୋକପାତ କରି ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ କରିବା ସହିତ ଚିକିତ୍ସା ଗବେଷଣା କ୍ଷେତ୍ରକୁ ଅଧିକ ସଶକ୍ତ କରିବାକୁ ଶ୍ରୀ ମୋଦୀ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଛାତ୍ରଛାତ୍ରୀଙ୍କୁ ଚାପଗ୍ରସ୍ତ ନ ହୋଇ ଆନ୍ତରିକତା ଓ ମାନସିକ ଦୃଢ଼ତାର ସହ ପରୀକ୍ଷା ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପରିଶ୍ରମର ମୂଲ୍ୟ କେବଳ ମାର୍କସିଟ୍‌ରେ ନିର୍ଦ୍ଧାରିତ ହୁଏ ନାହିଁ ବରଂ ଆତ୍ମବିଶ୍ୱାସ ହିଁ ଛାତ୍ରଛାତ୍ରୀଙ୍କୁ ସଫଳତାର ନୂତନ ଶିଖରରେ ପହଁଞ୍ଚାଇବ ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O -**

ରମଜାନ୍ ଏବଂ ହୋଲି ପର୍ବ ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଭୋକାଲ ଫର୍ ଲୋକାଲ ଦୃଷ୍ଟିକୋଣକୁ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି।

## ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ସମୟସୀମା ଚଳିତମାସ ୨୮ ତାରିଖକୁ ବୃଦ୍ଧି କରାଯାଇଛି। ପୁରସ୍କାର ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍

ଶିକ୍ଷା ଅଧିକାରୀଙ୍କ ଆବେଦନକୁ ମଧ୍ୟ କୋହଲ କରାଯାଇଛି। ୩୧ ମାର୍ଚ୍ଚ ୨୦୨୪ ପୂର୍ବରୁ କାର୍ଯ୍ୟରତ ଜିଲ୍ଲା ଓ ବ୍ଲକ୍ ଶିକ୍ଷା ଅଧିକାରୀମାନେ ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷ ବିବରଣୀ **msp.odisha.gov.in** ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି।

## ବାଲ୍ୟବିବାହ ହାର

ରାଜ୍ୟର ୧୨ଟି ଜିଲ୍ଲାରେ ବାଲ୍ୟବିବାହ ହାର ଜାତୀୟ ସ୍ତରଠାରୁ ଅଧିକ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଧାନସଭାରେ ତଥ୍ୟ ରଖିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ୩୯ ଦଶମିକ ୪ ପ୍ରତିଶତ ବାଲ୍ୟବିବାହ ରେକର୍ଡ କରାଯାଇଛି। ନବରଙ୍ଗପୁର, ନୟାଗଡ, କୋରାପୁଟ, ରାୟଗଡ଼ା, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ଗଜପତି, ବାଲେଶ୍ୱର, ବୌଦ୍ଧ ଓ ଅନୁଗୁଳ ଜିଲ୍ଲାରେ ବାଲ୍ୟବିବାହ ହାର ଜାତୀୟ ହାର ୨୩ ଦଶମିକ ୩ ପ୍ରତିଶତରୁ ଅଧିକ ଥିବା ଶ୍ରୀମତୀ ପରିଡା କହିଛନ୍ତି।

ଅନ୍ୟପକ୍ଷରେ, ସାରା ଓଡ଼ିଶାରେ ବାଲ୍ୟବିବାହ ହାର ୨୦ ଦଶମିକ ୫ ପ୍ରତିଶତ ଥିବା ଜଣାପଡିଛି, ଯାହାକି ଜାତୀୟ ହାରଠାରୁ ପ୍ରାୟ ୩ ପ୍ରତିଶତ କମ୍ ।

## ବିଶ୍ୱ ସ୍କାଉଟ ଦିବସ

ଯୁବବର୍ଗଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଅନୁଶାସନ ଏବଂ ସମାଜସେବା ଭାବନା ସୃଷ୍ଟି ସହିତ ସ୍କାଉଟିଂ ମୂଲ୍ୟବୋଧକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍କାଉଟ ଦିବସ ପାଳନ କରାଯାଉଛି। ସ୍କାଉଟିଂର ମୁଖ୍ୟ ଆଦର୍ଶ ବାକ୍ୟ ହେଉଛି

‘ପ୍ରସ୍ତୁତ ରୁହ’। ସ୍କାଉଟ୍‌ମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପ୍ରତି ସର୍ବଦା ମାନସିକ ଓ ଶାରୀରିକ ସ୍ତରରେ ସଚେତନ ରହିବା ପାଇଁ ପ୍ରେରଣା ଯୋଗାଇଥାଏ। ବିଶ୍ୱରେ ସ୍କାଉଟିଂ ଆନ୍ଦୋଳନର ସଂସ୍ଥାପକ ଲର୍ଡ ରବର୍ଟ ବେଡେନ ଓୟେଲଙ୍କ ଜୟନ୍ତୀ ଉପଲକ୍ଷେ ଆଜିର ଦିନକୁ ବିଶ୍ୱ ସ୍କାଉଟ ଦିବସ ଭାବେ ପାଳନ କରାଯାଇଥାଏ।

## ଦୁର୍ଘଟଣା

ଝାରସୁଗୁଡ଼ା ସଦର ଥାନା ସମ୍ମୁଖରେ ଆଜି ଭୋର ସମୟରେ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୫ ଜଣ ପୁଲିସ୍ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରଲର ସହ ପୁଲିସ୍ ଗାଡ଼ିର ଧକ୍‌କା ହେବାରୁ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଗୁରୁତରଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଚ୍ଚପଦସ୍ଥ ପୁଲିସ୍ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

## ଗ୍ରୀଷ୍ମ ପରିଚାଳନା

ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଏଥିରେ ଯୋଗଦେଇ ଗ୍ରୀଷ୍ମଋତୁରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଅଚଳ ନଳକୂପକୁ ତୁରନ୍ତ ମରାମତି କରିବାକୁ

ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବ୍ଲକ୍‌ର ଆବଶ୍ୟକତା ଅନୁସାରେ, ଚଳିତମାସ ଶେଷସୁଦ୍ଧା ପାନୀୟ ଜଳ ବଣ୍ଟନ ମୋବାଇଲ୍ ଭ୍ୟାନ୍ ଯୋଗାଣ ପାଇଁ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଛନ୍ତି।

## ବିଦ୍ୟୁତ୍ ସମସ୍ୟା

**ନୂଆପଡା** ଓପିଟିସିଏଲ୍‌ର ଗ୍ରୀଡରେ କ୍ଷମତା ଉନ୍ନତି ପାଇଁ ଚାଲିଥିବା ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଛି। ନୂତନ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ହେବାରୁ ଏଣିକି ନୂଆପଡ଼ା ଓ କୋମନା ବ୍ଲକ୍‌ରେ ବିଦ୍ୟୁତ୍‌କାଟ୍ ସମସ୍ୟା ରହିବ ନାହିଁ ବୋଲି ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି।

## ଶିଶୁ ପାଇଁ ଦିନଟିଏ

**ନବରଙ୍ଗପୁର** ଜିଲ୍ଲା ଝରିଗାଁ ପଞ୍ଚାୟତସମିତିରେ ‘ଶିଶୁ ପାଇଁ ଦିନଟିଏ’ କାର୍ଯ୍ୟକ୍ରମରେ ବାଲ୍ୟବିବାହ ରୋକିବା, କିଶୋରୀମାନଙ୍କ ସଶକ୍ତୀକରଣ, ଶିଶୁ ଶ୍ରମିକ ପ୍ରଥା ବିଲୋପ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତ ରହି ଝରିଗାଁ ବ୍ଲକ୍‌କୁ ଶିଶୁ ଶ୍ରମିକ ଓ ବାଲ୍ୟବିବାହ ମୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ।

## ଭିନ୍ନକ୍ଷମ ଶିବିର

**ଭଦ୍ରକ** ସହିଦ୍ ସ୍ମୃତିଭବନଠାରେ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏଥିରେ ଯୋଗଦେଇ ବରିଷ୍ଠମାନଙ୍କ ପ୍ରତି ସମ୍ମାନ ଓ ସମବେଦନା

ଜଣାଇଲେଏକ ସୁସ୍ଥ ସମାଜ ଗଠନ ହେବ ବୋଲି କହିଛନ୍ତି। ଏହି ଅବସରରେ ୪୫ ଜଣଙ୍କୁ 'ବରିଷ୍ଠ ନାଗରିକ ସେବା ସମ୍ମାନ' ପ୍ରଦାନ କରାଯାଇଛି।

## ବନାଗ୍ନି ପ୍ରତିରୋଧ

**ଗଞ୍ଜାମ** ଜିଲ୍ଲା ବୁଗୁଡା ବନାଞ୍ଚଳର ବାଘୁଆ ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର ପରିସରରେ ବନାଗ୍ନି ପ୍ରତିରୋଧ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ବନସେବା ପ୍ରଶିକ୍ଷଣ ଅଧିକାରୀ ଲାବଡି ଜୈନ ଶିବିରରେ ଯୋଗଦେଇ ବନାଗ୍ନି ପ୍ରତିରୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୫ଟି ବନ ସଂରକ୍ଷଣ ସମିତିର ସଦସ୍ୟ ବନସାଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦ୍ରଗ୍ରହଣ

ଆସନ୍ତା ୩ ତାରିଖ ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହେବ। ଏହା କେତୁଗ୍ରସ୍ତ ଗ୍ରସ୍ତଦ୍ୱୟ ଚନ୍ଦ୍ରଗ୍ରହଣ। ସୂର୍ଯ୍ୟାସ୍ତ ହେବା ପୂର୍ବରୁ ୩ ଟା ୨୦ ମିନିଟ୍ ୧୭ ସେକେଣ୍ଡ୍‌ରେ ଗ୍ରହଣ ସ୍ପର୍ଶ କରି ସନ୍ଧ୍ୟା ୬ଟା ୪୭ ମିନିଟ୍‌ରେ ସର୍ବମୋକ୍ଷ ହେବ। ଦୋଳପୂର୍ଣ୍ଣିମା ଦିନ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଥିବାରୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି।

## ପାଣିପାଗ

ରାଜ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଉଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ବୁଧବାର ସୁଦ୍ଧା ତାପମାତ୍ରା ଦୁଇରୁ ତିନି ଡ଼ିଗ୍ରୀ ବୃଦ୍ଧି

ପାଇବ। ଅନ୍ୟପକ୍ଷରେ, ପଶ୍ଚିମ ଓଡ଼ିଶା ଜିଲ୍ଲାଗୁଡ଼ିକରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଚଳିତବର୍ଷ ଟିଟିଲାଗଡ଼, ଝାରସୁଗୁଡ଼ା, ଭବାନୀପାଟଣା ଆଦି ସହରଗୁଡ଼ିକରେ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିସାରିଛି। ଭୁବନେଶ୍ୱରରର ସର୍ବୋଚ୍ଚ ତାପମାତ୍ରା ଗତକାଲି ୩୫ ଦଶମିକ ୪ ଡିଗ୍ରୀ ସେଲସିୟସ୍ ଥିଲା।